# NATIONAL NEWS BULLETIN (ODIA)
## 20 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଗ୍ରାମାଞ୍ଚଳରେ କୃଷି ଆଧାରିତ ଉଦ୍ୟୋଗ ସ୍ଥାପନ ପାଇଁ ସରକାର ପ୍ରଣୟନ କରିଛନ୍ତି ବିଭିନ୍ନ ଯୋଜନା; କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଦେଶର କାରିଗରମାନଙ୍କୁ ପି.ଏମ୍. ବିଶ୍ୱକର୍ମା ଯୋଜନାର ଲାଭକୁ ବିନିଯୋଗ କରି ଉଦ୍ୟୋଗୀ ହେବା ପାଇଁ ଆହ୍ୱାନ କଲେ ପ୍ରଧାନମନ୍ତ୍ରୀ ।
- କ୍ୱାଡ୍ ଶିଖର ସମ୍ମିଳନୀରେ ଭାଗ ନେବା ଲାଗି ଆସନ୍ତାକାଲିଠାରୁ ତିନିଦିନିଆ ଆମେରିକା ଗସ୍ତରେ ଯାଉଛନ୍ତି ପ୍ରଧାନମନ୍ତ୍ରୀ ।
- ତିରୁପତି ବାଲାଜି ମନ୍ଦିର ଲଡ୍ଡୁ ଅପମିଶ୍ରିତ ହେଉଥିବା ନେଇ ଅଭିଯୋଗ ପରେ ଆନ୍ଧ୍ରପ୍ରଦେଶ ସରକାରଙ୍କୁ ରିପୋର୍ଟ୍ ମାଗିଲେ କେନ୍ଦ୍ର ସରକାର ।

ଏବଂ

- ଚେନ୍ନାଇ ଠାରେ ଖେଳାଯାଉଥିବା ଭାରତ-ବାଂଲାଦେଶ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୩୦୮ରନ୍‌ରେ ଅଗ୍ରଣୀ ।

## ରାଷ୍ଟ୍ରପତି-ରାଞ୍ଚି

ଜନଜାତି ସଂପ୍ରଦାୟର ସମାବେଶୀ ବିକାଶ ନିମନ୍ତେ ଜାତୀୟ କୃଷି ଗବେଷଣା ପରିଷଦର ମାଧ୍ୟମିକ କୃଷି ପ୍ରତିଷ୍ଠାନ (**NISA**) ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ପ୍ରଶଂସନୀୟ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ରାଞ୍ଚିର ନାମକୁମଠାରେ ଜାତୀୟ ମାଧ୍ୟମିକ କୃଷି ପ୍ରତିଷ୍ଠାନର ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରି ଶ୍ରୀମତୀ ମୁର୍ମୁ କହିଛନ୍ତି କୃଷକ ଏବଂ ଉଦ୍ୟୋଗୀମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଏହି ପ୍ରତିଷ୍ଠାନ କାର୍ଯ୍ୟ କରୁଛି । ଗ୍ରାମାଞ୍ଚଳ ଗୁଡ଼ିକରେ କୃଷି ଆଧାରିତ ଉଦ୍ୟୋଗ ସ୍ଥାପନ ନିମନ୍ତେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି ବୋଲି ରାଷ୍ଟ୍ରପତି ସୂଚନା ଦେବା ସହ ଏ ଦିଗରେ କୃଷି ସଂଗଠନ ଓ ପେକ୍ସର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି ।

# ପ୍ରଧାନମନ୍ତ୍ରୀ-ଓ୍ୱାର୍ଦ୍ଧା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର କାରିଗରମାନଙ୍କୁ ପି.ଏମ୍. ବିଶ୍ୱକର୍ମା ଯୋଜନାର ଲାଭକୁ ବିନିଯୋଗ କରି ଉଦ୍ୟୋଗୀ ଓ ବ୍ୟବସାୟୀ ହେବା ପାଇଁ ଆହ୍ୱାନ କରିଛନ୍ତି । ମହାରାଷ୍ଟ୍ରର ଓ୍ୱାର୍ଦ୍ଧା ସ୍ଥିତ ସ୍ୱାବଲମ୍ବୀ ପଡ଼ିଆରେ ଆଜି ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ପାଳନ ଉତ୍ସବ ଅସରରେ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଷାଠିଏ ୬ ଲକ୍ଷ ହିତାଧିକାରୀଙ୍କୁ ସେମାନଙ୍କର ପାରମ୍ପରିକ ବୃତ୍ତିରେ ଉତ୍ପାଦନ ବୃଦ୍ଧି ନିମିତ୍ତ ଆଧୁନିକ ଯନ୍ତ୍ରପାତି ଓ ଟୁଲ୍‌କିଟ୍ ଯୋଗାଇ ଦିଆଯାଇଛି । ପି.ଏମ୍. ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ୩ ଲକ୍ଷ ଟଙ୍କାର ଋଣ ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି । ଏକ ବର୍ଷ ମଧ୍ୟରେ ହିତାଧିକାରୀମାନଙ୍କୁ ୧୪ ଶହ କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ଏହି ଯୋଜନାରେ ଅଧିକାଂଶ ତଫସିଲ୍‌ଭୁକ୍ତ ଜାତି ଓ ଜନଜାତି ଲାଭାର୍ଥୀ ହୋଇପାରିଛନ୍ତି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମହାରାଷ୍ଟ୍ର ସରକାରଙ୍କ ଦୁଇଟି ଯୋଜନାର ମଧ୍ୟ ଶୁଭାରମ୍ଭ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଯୁବକଯୁବତୀମାନଙ୍କୁ ମାଗଣା ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ "ଆଚାର୍ଯ୍ୟ ଚାଣକ୍ୟ ଦକ୍ଷତା ବିକାଶ କେନ୍ଦ୍ର" ଓ ମହିଳାମାନଙ୍କ ଦ୍ୱାରା

ପରିଚାଳିତ ଷ୍ଟାର୍ଟଅପ୍‌ଗୁଡ଼ିକୁ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ "ପୁଣ୍ୟଶ୍ଳୋକ ଅହିଲ୍ୟା ଦେବୀ ହୋଲକାର ମହିଳା ଷ୍ଟାର୍ଟଅପ୍ ଯୋଜନା" ରହିଛି ।

ପ୍ରଧାନମନ୍ତ୍ରୀ ପଶ୍ଚିମ ବିଦର୍ଭର ଅମରାବତୀ ଜିଲ୍ଲାରେ ୧ ହଜାର ହେକ୍ଟର ପରିମିତ ଅଞ୍ଚଳରେ ପି.ଏମ୍. ମିତ୍ର ଟେକ୍ସଟାଇଲ୍ ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ୧ ଲକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶର ଆଶା କରାଯାଉଛି ।

ପି.ଏମ୍. ବିଶ୍ୱକର୍ମା ଯୋଜନାର ଏକ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବାକୁ ପ୍ରଧାନମନ୍ତ୍ରୀ ଭାରତୀୟ ଡାକ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ଡାକଟିକଟ ଉନ୍ମୋଚନ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଏହି ଅବସରରେ ପି.ଏମ୍. ବିଶ୍ୱକର୍ମା ଯୋଜନାର ୧ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଡିଜିଟାଲ ପରିଚୟପତ୍ର ଓ ଦକ୍ଷତା ପ୍ରମାଣପତ୍ର ବଣ୍ଟନ କରିଛନ୍ତି । ଏହାଛଡ଼ା ପ୍ରଧାନମନ୍ତ୍ରୀ ୭୫ ହଜାର ହିତାଧିକାରୀମାନଙ୍କର ଡିଜିଟାଲ ଋଣ ମଞ୍ଜୁରୀପତ୍ରର ପ୍ରକାଶନ କରିବା ସହ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୮ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଚେକ୍ ବଣ୍ଟନ କରିଥିଲେ । ସେଠାରେ ପ୍ୟାଭିଲିଅନ୍‌ରେ ପ୍ରଦର୍ଶିତ ହେଉଥିବା

କାରିଗରମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ଓ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ବୁଲି ଦେଖିବା ସହ କାରିଗରମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ।

## ପ୍ରଧାନମନ୍ତ୍ରୀ-ଆମେରିକା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଠାରୁ ତିନି ଦିନିଆ ଆମେରିକା ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ୱିଲିଂଟନ୍, ଡେଲାୱେର୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ବାର୍ଷିକ କ୍ୱାଡ୍ ନେତାମାନଙ୍କର ଶିଖର ସମ୍ମିଳନୀରେ ଭାଗ ନେବେ । ଏହି ସମ୍ମିଳନୀ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଦ୍ୱାରା ଆୟୋଜିତ ହେଉଛି । ପରବର୍ତ୍ତୀ କ୍ୱାଡ୍ ଶିଖର ସମ୍ମିଳନୀ ୨୦୨୫ରେ ଭାରତରେ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ତାଙ୍କର ଗସ୍ତ ଅବସରରେ ୨୨ ତାରିଖ ଦିନ ନ୍ୟୁୟର୍କରେ ଭାରତୀୟ ସମ୍ପ୍ରଦାୟଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ୨୩ ତାରିଖ ଦିନ ନ୍ୟୁୟର୍କରେ ଜାତିସଂଘ ସାଧାରଣ ସଭାରେ 'ଭବିଷ୍ୟତର ଶିଖର ସମ୍ମିଳନୀ'କୁ ସମ୍ବୋଧିତ କରିବେ ।

## ଗୋୟଲ-ଲାଓସ୍ ଯାତ୍ରା

୨୧ତମ ଆସିଆନ୍ ଭାରତ ଆର୍ଥିକ ମନ୍ତ୍ରୀ ତଥା ଦ୍ୱାଦଶ ପୂର୍ବ ଏସିଆ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି କେନ୍ଦ୍ର ବାଣିଜ୍ୟ ଓ

ଉଦ୍ୟୋଗ ମନ୍ତ୍ରୀ ପୀୟୁଷ ଗୋଏଲ ଆଜିଠାରୁ ଦୁଇଦିନିଆ ଲାଓସ୍ ଯାତ୍ରା କରିବେ । ଏହି ଗସ୍ତ କାଳରେ ମନ୍ତ୍ରୀ ଶ୍ରୀ ଗୋଏଲ ଅନ୍ୟଦେଶ ଗୁଡ଼ିକର ମନ୍ତ୍ରିମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ଲାଓସ୍ ସମେତ କୋରିଆ, ମାଲେସିଆ, ସ୍ୱିଜରଲ୍ୟାଣ୍ଡ ଏବଂ ମ୍ୟାମାଁରର ବାଣିଜ୍ୟ ମନ୍ତ୍ରୀମାନଙ୍କ ସହ ଶ୍ରୀ ଗୋଏଲ ଆଲୋଚନା-ପର୍ଯ୍ୟାଲୋଚନା କରିବେ । ଏହି ଦୁଇଦିନିଆ ଗସ୍ତ କାଳରେ ଲାଓସରେ ରହୁଥିବା ଭାରତୀୟ ବଂଶୋଦ୍ଭବଙ୍କ ସହ ସେ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ଗଡ୍-ଲଡ୍ଡୁ

ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ ତିରୁପତି ବାଲାଜି ମନ୍ଦିର ଲଡ୍ଡୁ ଅପମିଶ୍ରିତ ହେଉଥିବା ନେଇ ଅଭିଯୋଗ ହେବା ପରେ କେନ୍ଦ୍ର ସରକାର ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଠାରୁ ରିପୋର୍ଟ ମାଗିଛନ୍ତି । ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତ ପ୍ରସାଦ ନଡ୍ଡା କହିଛନ୍ତି, ସେ ଏ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ସହ କଥା ହୋଇ ଏକ ରିପୋର୍ଟ ଦେବାକୁ କହିଛନ୍ତି । ଏ ସମ୍ପର୍କରେ କେନ୍ଦ୍ର ସରକାର ଉଚିତ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ଶ୍ରୀ ନଡ୍ଡା କହିଛନ୍ତି । କେନ୍ଦ୍ର ଖାଉଟି ବ୍ୟାପାର ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ

ପ୍ରହଲ୍ଲାଦ ଯୋଶୀ କହିଛନ୍ତି, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗର ଗୁରୁତ୍ୱ ରହିଛି । ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଦୋଷୀମାନଙ୍କୁ ଦଣ୍ଡ ଦିଆଯିବା ଉଚିତ୍ । ଏହି ଘଟଣାରେ ଜଡ଼ିତ କାହାରିକୁ ଛଡ଼ାଯିବ ନାହିଁ ବୋଲି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରୀ ଚିରାଗ୍ ପାଶୱାନ୍ କହିଛନ୍ତି । ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଦୁଗ୍ଧ ପ୍ରକ୍ରିୟାକରଣ ଓ ବିକାଶ ପରିଷଦର ପରୀକ୍ଷାଗାର ଲଡ୍ଡୁ ଅପମିଶ୍ରିତ ହେଉଥିବା ନେଇ ସ୍ପଷ୍ଟ କରିଛି ।

## ବିହାର୍-ସିବିଆଇ-ଚାର୍ଜସିଟ୍

କେନ୍ଦ୍ରିୟ ତଦନ୍ତକାରୀ ସଂସ୍ଥା (ସି.ବି.ଆଇ.) ଆଜି ଏନ୍.ଇ.ଇ.ଟି. ୟୁ.ଜି.-୨୦୨୪ ପ୍ରଶ୍ନପତ୍ର ପ୍ରଘଟ ଓ ଚୋରି ମାମଲାରେ ପାଟଣା ସି.ବି.ଆଇ.କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦ୍ୱିତୀୟ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛି । ଏହି ଅଭିଯୋଗ ଫର୍ଦ୍ଦ ଭାରତୀୟ ଦଣ୍ଡ ସଂହିତା, (ଆଇ.ପି.ସି.)ର ଧାରା ୧୨୦-ବି, ୧୦୯, ୪୦୯, ୪୨୦ ଏବଂ ୩୮୦ ଉପରେ ପର୍ଯ୍ୟବେଶିତ ରହିଛି । ଏହାଛଡ଼ା ଦୁର୍ନୀତି ନିବାରଣ ନିରୋଧ ଆଇନ୍-୧୯୮୮ର ବିଭିନ୍ନ ଧାରା ମଧ୍ୟ ଓଆଶିଷ ବିଦ୍ୟାଳୟର ଅଧକ୍ଷ ଡକ୍ଟର ଏହସାନୁଲ୍ ହକ୍‌ଙ୍କ ବିରୁଦ୍ଧରେ ଲାଗୁ କରାଯାଇଥିବାର ଅଭିଯୋଗ ଫର୍ଦ୍ଦରେ ଉଲ୍ଲେଖ ରହିଛି ।

ଡକ୍ଟର ଏହସାନୁଲ୍ ହକ୍, ଏନ୍.ଇ.ଇ.ଟି. ୟୁ.ଜି.-୨୦୨୪ ପରୀକ୍ଷା ପାଇଁ ସି.ଟି. କୋର୍ଡିନେଟର ନିଯୁକ୍ତ ହୋଇଥିଲାବେଳେ ଉପାଧ୍ୟକ୍ଷ ଇମ୍‌ତିଆଜ୍ ଆଲାମ୍ ସେଣ୍ଟର ସୁପରିଟେଣ୍ଡେଣ୍ଟ ନିଯୁକ୍ତ ହୋଇଥିଲେ ।

ଦ୍ୱିତୀୟ ଅଭିଯୋଗ ଫର୍ଦ୍ଦରେ ଥିବା ୬ ଜଣ ଅଭିଯୁକ୍ତ ହେଉଛନ୍ତି ବଲଦେବ୍ କୁମାର ଓରଫ୍ ଚିଣ୍ଟୁ, ସନ୍ନି କୁମାର, ଡକ୍ଟର ଏହସାନୁଲ୍ ହକ୍, ମହମ୍ମଦ ଇମ୍‌ତିଆଜ୍ ଆଲାମ ଏବଂ ହଜାରିବାଗ୍‌ର ସ୍ଥାନୀୟ ସାମ୍ବାଦିକ ଜମାଲୁଦ୍ଦିନ୍ ଓ ଅମନ୍ କୁମାର ସିଂହ ।

ପୂର୍ବରୁ ସି.ବି.ଆଇ. ଚଳିତ ବର୍ଷ ଅଗଷ୍ଟ ପହିଲାରେ ୧୩ ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲା । ଏନ୍.ଇ.ଇ.ଟି. ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ବର୍ତ୍ତମାନ ସୁଦ୍ଧା ୪୮ ଜଣଙ୍କୁ ଗିରଫ୍ କରାଯାଇଛି । ଅର୍ଥନୈତିକ ଅପରାଧ ଶାଖା ଏହି ଘଟଣାର ପତ୍ତା ଲଗାଇବା ସହ ଚଳିତ ବର୍ଷ ମଇ ମାସ ୫ ତାରିଖରେ ଏଫ୍.ଆଇ.ଆର୍. ଦାଖଲ କରିଥିଲା ।

# ପଶ୍ଚିମବଙ୍ଗ-ବନ୍ୟା

ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ଆନ୍ତଃରାଜ୍ୟ ସୀମାକୁ ଗତକାଲି ଠାରୁ ବନ୍ଦ ରଖାଯାଇଛି । ଦାମୋଦର ଉପତ୍ୟକା କର୍ତ୍ତୃପକ୍ଷ ନଦୀ ବନ୍ଧ ଗୁଡ଼ିକରୁ ପାଣି ଛାଡ଼ିବା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆନ୍ତଃ ରାଜ୍ୟ ସୀମାକୁ

ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଫଳରେ ବହୁ ସଂଖ୍ୟାରେ ମାଲବାହି ଟ୍ରକ୍ ରାସ୍ତା ଉପରେ ଅଟକି ରହିଛି । ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ବାନାର୍ଜୀ ପଶ୍ଚିମବଙ୍ଗର ଦକ୍ଷିଣ ଅଞ୍ଚଳରେ ବନ୍ୟା ପରିସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଏକ ପତ୍ର ଲେଖିଛନ୍ତି । ଦାମୋଦର ଉପତ୍ୟକା କର୍ତ୍ତୃପକ୍ଷ ଆଜି ଜଳନିଷ୍କାସନ ହ୍ରାସ କରିଥିବା ବେଳେ ହାଓଡ଼ା, ହୁଗୁଳି, ପୂର୍ବ ଏବଂ ପଶ୍ଚିମ ମେଦିନାପୁର ଆଦି ଜିଲ୍ଲା ଗୁଡ଼ିକରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି । ରାଜ୍ୟ ସରକାର ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଏନ୍.ଡି.ଆର୍.ଏଫ୍. ଦଳଙ୍କୁ ମୁତୟନ କରାଯାଇଛି ।

## କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ଖେଳ ଶେଷସୁଧା ଭାରତ ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବିନିମୟରେ ୮୧ରନ୍ ସଂଗ୍ରହ କରିବା ସହ ୩୦୮ରନ୍‌ରେ ଅଗ୍ରଣୀ ରହିଛି । ଷ୍ଟମ୍ପ୍ ଅପସାରଣ ବେଳକୁ ରିସଭ୍ ପନ୍ଥ ୧୨ ରନ୍ ଓ ଶୁଭମନ୍ ଗିଲ୍ ୩୩ରନ୍ କରି ଅପରାଜିତ ରହିଛନ୍ତି ।

ପୂର୍ବରୁ ଆଜି ଭାରତ ୬ ଓ୍ୱିକେଟ୍ ବିନିମୟରେ ୩୩୯ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ତେବେ ଦଳ ପ୍ରଥମ ଇନିଂସରେ ସମସ୍ତ ଓ୍ୱିକେଟ୍ ହରାଇ ୩୭୬ରନ୍ କରିବାରେ ସମର୍ଥ ହୋଇଥିଲା । ଭାରତ ପକ୍ଷରୁ ରବିନ୍ଦ୍ର ଜାଡ଼େଜା ୮୬ରନ୍ ଓ ରବିଚନ୍ଦ୍ରନ୍ ଅଶ୍ୱିନ ୧୧୩ରନ୍ କରିଥିଲେ । ବାଂଲାଦେଶ ପକ୍ଷରୁ ହସନ୍ ହମମୁଦ୍ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

ବାଂଲାଦେଶ ତାର ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖିନ ହୋଇ ସମସ୍ତ ଓ୍ୱିକେଟ୍ ହରାଇ ମାତ୍ର ୧୪୯ରନ୍ କରିପାରିଥିଲା । ଭାରତ ପକ୍ଷରୁ ଯଶପ୍ରୀତ ବୁମରା ୪ଟି ଓ୍ୱିକେଟ୍ ନେଇଥିବା ବେଳେ ମହମ୍ମଦ ସିରାଜ, ଆକାଶଦୀପ ଓ ରବୀନ୍ଦ୍ର ଜାଡ଼େଜା ୨ଟି ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ ।